**This Question Paper consists of 25 questions and 7 printed pages.**
ଏହି ପ୍ରଶ୍ନପତ୍ରରେ ମୋଟ 25 ଟି ପ୍ରଶ୍ନ ଅଛି ଏବଂ 7 ମୁଦ୍ରିତ ପୃଷ୍ଠା ଅଛି ।

**Roll No.** ରୋଲ୍ ନମ୍ବର

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No. 54/S/A/OR**
କୋଡ୍ ନମ୍ବର
**Set - A**

# ODIA
# (ଓଡ଼ିଆ)
# (233)

**Day and Date of Examination**
ପରୀକ୍ଷାର ଦିନାଙ୍କ ଓ ତାରିଖ ____________________

**Signature of Invigilators**
ନିରୀକ୍ଷକଙ୍କ ସ୍ୱାକ୍ଷର **1.** ____________________

**2.** ____________________

ସାଧାରଣ ନିର୍ଦ୍ଦେଶାବଳୀ :

**1** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କିନାହିଁ ଦେଖି ନିଅନ୍ତୁ ।

**3** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6** ପ୍ରଶ୍ନପତ୍ରର କୋଡ୍ ନମ୍ବର **54/S/A/OR-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA

## (ଓଡ଼ିଆ)

## (233)

ସମୟ : **3** ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : **100**

ନୋଟ୍ : (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ୍) ସୂଚିତ ହୋଇଛି ।

**1** ବିପରୀତାର୍ଥ ବୋଧକ ଶବ୍ଦ ଲେଖ : (4 ଟିର) **2**

ଜ୍ୟେଷ୍ଠ, ଇହ, ବଳକା, ନୂତନ, କୋମଳ ।

**2** ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : **2**

ପ୍ରସାଦ-ପ୍ରାସାଦ, ନିତି-ନୀତି ।

**3** ରୂଢ଼ିମାନଙ୍କର ଅର୍ଥ ଲେଖ : (3 ଟିର) **3**

ନଇ ନଦେଖୁ ଲଙ୍ଗଳା ହେବା, ତିନି ପାଞ୍ଚିରୁ ଯିବା, ତୁଣ୍ଡ ବାଇଦ ସହସ୍ର କୋଶ, ବସି ଖାଇଲେ ନଇବାଲି ସରେ ।

**4** ଏକ ପଦରେ ପ୍ରକାଶ କର : **1**

କୂଳର ନିକଟ, ବିଦେଶରୁ ଆଗତ ।

**5** ପରୋକ୍ଷୋକ୍ତିରେ ପରିଣତ କର : **1**

ଶିକ୍ଷକ ମୋତେ କହିଲେ "ତୁମେ ପାଠ ପ୍ରସ୍ତୁତ କରିଛତ" ।

6 ସନ୍ଧି ବିଚ୍ଛେଦ କର : (2 ଟିର) 3

ଗିରୀଶ, ମଧ୍ୱୁକ୍ତି, ସଂସ୍କୃତି, ନିର୍ଦ୍ଧନ ।

7 ନିମ୍ନ ପ୍ରତ୍ୟୟ ଗୁଡ଼ିକ ମଧ୍ୟରୁ ଯେ କୌଣସି 3 ଟି ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : 3

ତା, ଆନି, ଆଳ, ବାଲା, ରା ।

8 ନିମ୍ନଲିଖିତ ବାକ୍ୟ ଗୁଡ଼ିକ ମଧ୍ୟରୁ କେଉଁଟି ସରଳ ବାକ୍ୟ, କେଉଁଟି ଜଟିଳ ବାକ୍ୟ ଓ କେଉଁଟି ଯୌଗିକ ବାକ୍ୟ ଚିହ୍ନାଇ ଦିଅ : 3

(କ) ମୋ କହିବା ଜିନିଷ ଆଣିଛ ?

(ଖ) ଯେତେବେଳେ ଚନ୍ଦ୍ର ଉଦିତ ହେଲେ ସେତେବେଳେ ଆକାଶ ନିର୍ମଳ ଦେଖାଗଲା ।

(ଗ) କେତେକ ଲୋକ ସଂସ୍କୃତ ଜାଣାନ୍ତି କିନ୍ତୁ କହି ପାରନ୍ତି ନାହିଁ ?

9 ଠିକ ଉତ୍ତରପାଖରେ ✓ ଚିହ୍ନଦିଅ : 1

କେଉଁ ଶବ୍ଦଟି ଖଦ୍ୟୋତିକା ପରି ଗଠିତ ହୋଇଛି :

(କ) ମରୀଚିକା (ଖ) ବଚନିକା

(ଗ) ନାଟିକା (ଘ) କଳିକା

10 ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର : 1

ସରକାର ଲକ୍ଷ୍ମଣଙ୍କୁ .................. ଆଖ୍ୟାଦେଲେ ।

[ ମିଥ୍ୟାବାଦୀ, ଚୋର, ରାଜଦ୍ରୋହୀ ]

11 ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଗଦ୍ୟରୂପ ଲେଖ : (2 ଟିର) 1

ପରାଚୀ, ପରାଣ, ପରାସ, ପରାୟ ।

12 'ସମ୍ରାଟ' ଶବ୍ଦର ଦୁଇଟି ଅର୍ଥ ଲେଖ । 1

13 'ଖ' ସ୍ତମ୍ଭରୁ ଶବ୍ଦ ବାଛି 'କ' ସ୍ତମ୍ଭର ଶବ୍ଦ ସହ ମିଳାଅ : (3 ଟିର) 3

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଝଡ଼ | ଜନ୍ତୁ |
| ଚିହ୍ନ | ଜଙ୍ଗଲ |
| ଗଛ | ବୃକ୍ଷ |
| ଜୀବ | ଝଞ୍ଜା |
| ବଣ | ବର୍ଣ୍ଣ |
| | ପୁଷ୍ପ |

14 'ସରଳ' ପରି ଆଉ ଦୁଇଟି ଶବ୍ଦ ଲେଖ । 2

15 ନିମ୍ନ ଶବ୍ଦଟି କେଉଁ ପ୍ରକାର ପଦ ? ବଂଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ଜ୍ଞାପନ (ବିଶେଷ୍ୟ, ବିଶେଷଣ) 1

16 'ନବ ଦୂର୍ବାଦଳ' - ଶବ୍ଦ ପୁଞ୍ଜର ଅର୍ଥ ପାଇଁ ନିମ୍ନରୁ ଠିକ୍ ଉତ୍ତରଟି ବାଛ : 1

(କ) ନଅଟି ପତ୍ର (ଖ) ନୂଆପତ୍ର

(ଗ) ନୂଆ ଦୁବଘାସ (ଘ) ପାଣିରେଥିବା ନୂଆଦଳ

17 'ଭଦା' ଶବ୍ଦର ମୂଳଶବ୍ଦ ଆଦ୍ର, ସେହିପରି ନିମ୍ନଲିଖିତ ଦୁଇଟି ଶବ୍ଦର ମୂଳ ଶବ୍ଦ ଲେଖ : **2**

ପଥର, ମୂଷା ।

18 ଶୂନ୍ୟସ୍ଥାନ ପୂରଣ କର : **1**

ପାସେଞ୍ଜର ଟ୍ରେନଟି ................ ଠାରୁ ଯାତ୍ରା ଆରମ୍ଭ କରିଥିଲା ।

(ପାରାଦ୍ୱୀପ, କଟକ, ତାଳଚେର)

19 ଓଡ଼ିଆରେ ଅନୁବାଦ କର : **2**

(i) Keep to the left.

(ii) Always sleak the truth.

20 ସଂକ୍ଷେପରେ ଉତ୍ତର ଦିଅ : (6 ଟିର) $1\frac{1}{2} \times 6 = 9$

(କ) ଉତ୍କଳଲକ୍ଷ୍ମୀଙ୍କୁ ଦୋଳିରେ ଝୁଲାଇବା ପାଇଁ କେଉଁମାନେ ଅପେକ୍ଷା କରି ବସିଛନ୍ତି ?

(ଖ) ଚିଲିକାର ଲେଖକ ସଂସାରରେ ଥାଇ ମଧ୍ୟ କବି କିଭଳି ଭାବେ କାଳକାଟନ୍ତି ?

(ଗ) କୃଷ୍ଣ କାହା ଘରୁ ଲବଣୀ ଚୋରାଇ ଖାଆନ୍ତି ?

(ଘ) 'ଛୋଟମୋର ଗାଆଁଟି'ରେ କବି କେଉଁ ଖେଳର କଥା କହିଛନ୍ତି ?

(ଙ) ଇନ୍ଦ୍ର ଯୁଧିଷ୍ଠିରଙ୍କୁ କାହିଁକି 'ବାବୁ' ବୋଲି ସମ୍ବୋଧନ କରିଛନ୍ତି ?

(ଚ) ଭୀମଭୋଇଙ୍କ ମତରେ ସକଳ ପ୍ରାଣୀ ସମାନ କାହିଁକି ?

(ଛ) ଖଦ୍ୟୋତର ଜଳିବା ଓ ଲିଭିବା କ୍ରିୟାକୁ ଉଇଁବା ବୁଡିବା କହିବାରେ କି ଯଥାର୍ଥତା ଅଛି ?

**21** ସଂକ୍ଷେପରେ ଯେ କୌଣସି 3 ଟି ପ୍ରଶ୍ନର ଉତ୍ତର ଦିଅ : **3×3=9**

(କ) 'ଆମ ଘରର ହାଲଚାଲ'ର ଲେଖକ ଏକଘରକିଆ ହୋଇ ଚଳୁ ଥିବାର କାରଣ କ'ଣ ?

(ଖ) ରେବତୀକୁ ପାଠ ପଢ଼ାଇବା ପାଇଁ ବାପା ମା ରାଜିହେଲେ ମଧ୍ୟ ତା'ର ଜେଜୀ ମା କାହିଁକି ମନା କରୁଥିଲେ ?

(ଗ) ମସୁରୀର 2 ଟି ବିଶେଷତ୍ୱ କ'ଣ ?

(ଘ) ବନ୍ଦୀ ବିମ୍ବିସାର କାହିଁକି ପ୍ରେତଛାୟାପରି ଦେଖା ଯାଉଛନ୍ତି ?

**22** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ 3 ଟି ପ୍ରଶ୍ନର ଉତ୍ତର ଦିଅ : **3×7=21**

(କ) ଉଡ଼ଡିୟାନ ବୋଲି କେଉଁ ଅଞ୍ଚଳର ନାମଥିଲା । ଏହି ଉଡ଼ଡିୟାନର ସାଂସ୍କୃତିକ ବୈଶିଷ୍ଟ୍ୟ କ'ଣ ଥିଲା ?

(ଖ) ଅମାନ୍ୟ ଆଦିବାସୀ ବିପ୍ଳବୀମାନଙ୍କ ଠାରୁ ଲକ୍ଷ୍ମଣ କାହିଁକି ସ୍ୱତନ୍ତ୍ର ଆଲୋଚନା କର ।

(ଗ) 'ଏଜାତି ଏବେମଧ୍ୟ ବଞ୍ଚିଛି' - କିଏ କେଉଁ ପ୍ରସଙ୍ଗରେ ଓ କାହିଁକି କହିଛି, ସର୍ବିଶେଷ ଆଲୋଚନା କର ।

(ଘ) 'ରେବତୀ' ଗଳ୍ପ ମାଧ୍ୟମରେ ଗାଳ୍ପିକ ସମାଜର କେଉଁ ସଂସ୍କାର ଆଣିବାକୁ ଚାହୁଁଛନ୍ତି ?

(ଙ) ମଣିଷର ଆଚରଣ ଓ ବାତାବରଣ ମଧ୍ୟରେ ଥିବା ସଂପର୍କ ବିଷୟରେ ଆଲୋଚନା କର ।

**23** ଯେ କୌଣସି 2 ଟି ପ୍ରଶ୍ନର ଉତ୍ତର ଦିଅ : **6+6=12**

(କ) 'ଏକ ଅନାଦି ପରଂବ୍ରହ୍ମ' କବି କାହାକୁ କେଉଁ ଅର୍ଥରେ କହିଛନ୍ତି ?

(ଖ) ଜନଜୀବନର ଦୁଃଖକୁ ନିଜ ଦୁଃଖ ମନେ କରିପାରିଲେ କବିତ୍ୱ ସଫଳହୁଏ, ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

(ଗ) ଉତ୍କଳ-ଲକ୍ଷ୍ମୀ ଏକ ଉତ୍କୃଷ୍ଟ ଦେଶାତ୍ମବୋଧ କବିତା - ଆଲୋଚନା କର ।

**24** ତୁମ ଅଞ୍ଚଳର ରାସ୍ତାଘାଟ ମରାମତି ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦରଖାସ୍ତଲେଖ । **5**

କିମ୍ବା

ପରୀକ୍ଷାପରେ ତୁମେ କ'ଣ କରିବାକୁ ଚାହୁଁଛ ସେ ବିଷୟରେ ବାପାଙ୍କ ନିକଟକୁ ପତ୍ର ଲେଖ ।

**25** 200 ଟି ଶବ୍ଦ ମଧ୍ୟରେ ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ : **10**

(କ) ବୃକ୍ଷରୋପଣ

(ଖ) କ୍ରିକେଟ୍

(ଗ) ଓଡ଼ିଶାର କୃଷି ଓ କୃଷକ ।

---